## ଦୁଇଦିନିଆ ସଉରା ଭାଷା ସମ୍ମେଳନ ଉଦ୍‌ଘାଟିତ

# ଭାରତ ବହୁ ଭାଷାର ଏକ ସଂଗ୍ରହାଳୟ



### ଖୁବ୍‌ଶୀଘ୍ର ପ୍ରକାଶ ପାଇବ ଦେଶୀ ଭାଷାର ତ୍ରିଭାଷିକ ଅଭିଧାନ

### ଆଦିବାସୀ ଭାଷାକୁ ନେଇ ଅଧିକରୁ ଅଧିକ କାର୍ଯ୍ୟକ୍ରମ ହେବ

### ସଉରା ଭାଷା-ସାହିତ୍ୟର ପଞ୍ଜୀକରଣ ଓ ସୁରକ୍ଷା ଦିଗରେ ଉଭୟ ଏକାଡେମୀ ଚେଷ୍ଟିତ ହେବା ଉଚିତ୍

ଭୁବନେଶ୍ୱର,୨୨।୯(ବ୍ୟୁରୋ): ଭାରତ ହେଉଛି ବହୁ ଭାଷାର ଏକ ବିସ୍ମୟକର ସଂଗ୍ରହାଳୟ। ଈଶ୍ୱର ମଣିଷକୁ ସବୁକିଛି ଦେଇଛନ୍ତି, କିନ୍ତୁ ଭାଷା ତିଆରି କରିଛି ମଣିଷ। ଭାଷା ହିଁ ଶିଖାଏ ସାର୍ବଜନୀନ ମାନବିକତା। ଏହି ମର୍ମରେ ବିଶିଷ୍ଟ ବକ୍ତାମାନେ ମତବ୍ୟକ୍ତ କରି ଆଦିବାସୀ ସାହିତ୍ୟରେ ନୂଆ ନୂଆ ତତ୍ତ୍ୱର ସନ୍ଧାନ କରିବା ପାଇଁ ଲେଖକ ଓ ଗବେଷକମାନଙ୍କୁ ଆହ୍ୱାନ ଦେଇଛନ୍ତି।

ଶନିବାର ଓଡ଼ିଶା ସାହିତ୍ୟ ଏକାଡେମୀ ଓ କେନ୍ଦ୍ର ସାହିତ୍ୟ ଏକାଡେମୀର ମିଳିତ ଆନୁକୂଲ୍ୟରେ ଦୁଇଦିନିଆ ଜାତୀୟସ୍ତରରେ ସଉରା ଭାଷା ସମ୍ମେଳନ ରାଜ୍ୟ ସଂସ୍କୃତି ଭବନ ସମ୍ମିଳନୀ କକ୍ଷରେ ଉଦ୍‌ଘାଟିତ ହୋଇଛି। ଉଦ୍‌ଘାଟନୀ ସମାରୋହରେ ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ଭାଷାବିତ୍ ଡ. ଦେବୀପ୍ରସନ୍ନ ପଟ୍ଟନାୟକ ଅତିଥି ଭାବେ ଯୋଗଦେଇ ସମ୍ମେଳନକୁ ଉଦ୍‌ଘାଟନ କରିଥିଲେ। ସେ କହିଥିଲେ, ଭାଷା ଏକ ଜାତିର ପରିଚୟ। ତା'ର ସୁରକ୍ଷା ଆମର ପ୍ରାଥମିକ କର୍ତ୍ତବ୍ୟ। ଏଥିରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ବିଶିଷ୍ଟ ଅତିଥି, ବିଭାଗୀୟ ନିର୍ଦ୍ଦେଶକ ତଥା ସ୍ୱତନ୍ତ୍ର ଶାସନ ସଚିବ ରଞ୍ଜନ କୁମାର ଦାସ ସମ୍ମାନିତ ଅତିଥି ଏବଂ କେନ୍ଦ୍ର ସାହିତ୍ୟ ଏକାଡେମୀର ଓଡ଼ିଆ ଭାଷା ପରାମର୍ଶଦାତା ମଣ୍ଡଳୀର ଆବାହକ ଡ. ଗୌରହରି ଦାସ ଅନ୍ୟତମ ଅତିଥି ଭାବେ ଯୋଗଦେଇଥିଲେ। ବିଶିଷ୍ଟ ଲୋକ ସାହିତ୍ୟବିତ୍ ଡ. ମହେନ୍ଦ୍ର କୁମାର ମିଶ୍ର ସଉରା ଭାଷା ଓ ସାହିତ୍ୟ ସମ୍ପର୍କରେ ମୂଳ ଭାଷଣ ରଖି କହିଥିଲେ, ସଉରା ଭାଷାର ଗଳ୍ପ ଓ କବିତା ଯେପରି ପ୍ରତୀକାତ୍ମକ, ତା'ର ସମାନ୍ତରାଳ ଅନ୍ୟ ଭାଷାରେ କ୍ୱଚିତ୍ ମିଳିଥାଏ। ତେଣୁ ସଉରା ଭାଷା-ସାହିତ୍ୟର ପଞ୍ଜୀକରଣ ଓ ସୁରକ୍ଷା ଦିଗରେ ଉଭୟ ଏକାଡେମୀ ଚେଷ୍ଟିତ ହେବା ଉଚିତ୍। ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି ଡ. ହୃଷୀକେଶ ମଲ୍ଲିକ କହିଥିଲେ, ସଉରା ଭାଷାଭାଷୀ ଲୋକଙ୍କୁ ଭାଷାଗତ ଭାବେ ସଶକ୍ତ କରିବା ଦିଗରେ ଏହି ସମ୍ମେଳନ ପନ୍ଥା ନିରୂପଣ କରିବ ବୋଲି ଆଶା। କେନ୍ଦ୍ର ସାହିତ୍ୟ ଏକାଡେମୀର ସଭାପତି ଡ. ମାଧବ କୌଶିକ ପୌରୋହିତ୍ୟ କରିଥିବାବେଳେ ଏକାଡେମୀର ସଚିବ କେ. ଶ୍ରୀନିବାସ ରାଓ ସ୍ୱାଗତ ଭାଷଣ ଦେଇଥିଲେ। ଖୁବ୍‌ଶୀଘ୍ର ଏକାଡେମୀ ପକ୍ଷରୁ ଦେଶୀ ଭାଷାର ଏକ ତ୍ରିଭାଷିକ ଅଭିଧାନ ପ୍ରକାଶ ପାଇବ ବୋଲି ସଚିବ ପ୍ରଦୀପ କୁମାର ରାଉତ କହିଥିଲେ। ରବିବାର ଆଲୋଚନାଚକ୍ର ସଙ୍ଗକୁ ଉଦ୍‌ଯାପନୀ ସମାରୋହ ଅନୁଷ୍ଠିତ ହେବ।